# ସୋହେଲାରେ ମୁଖ୍ୟମନ୍ତ୍ରୀ କରିବେ ଇନ୍‌ପୁଟ ସହାୟତାର ଶୁଭାରମ୍ଭ

ଭୁବନେଶ୍ୱର/ବରଗଡ଼, (ସବ୍ୟୁ): କୃଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଧାନ ଉପରେ କ୍ୱିଣ୍ଟାଲ ପିଛା ମୂଲ୍ୟରେ ଅତିରିକ୍ତ ଇନପୁଟ ସହାୟତା ସରକାର ରବିବାର ପ୍ରଦାନ କରିବେ । ସରକାର ଚାଷୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ ପ୍ରଥମ ଦିନରୁ ଐତିହାସିକ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏଫ୍‌ଏକ୍ୟୁ ଧାନର କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ଏବଂ ଅତିରିକ୍ତ ଇନପୁଟ ସହାୟତା ୮୦୦ ଟଙ୍କା ସହ ମୋଟ ୩୧୦୦ ଟଙ୍କା ପ୍ରଦାନ କରାଯିବ । ଏହା ଚାଷୀମାନଙ୍କ ଆର୍ଥିକ ସ୍ଥିତିକୁ ଦୃଢ଼ କରିବା ସହ କୃଷି କ୍ଷେତ୍ରରେ ସେମାନଙ୍କ କର୍ମକୁଶଳତା ବୃଦ୍ଧି କରିବ । ଏଥି ନିମନ୍ତେ ବରଗଡ଼ ଜିଲ୍ଲାର ସୋହେଲାଠାରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଇନପୁଟ ସହାୟତା ରାଶି ପ୍ରଦାନର ଶୁଭାରମ୍ଭ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ରବିବାର ଏହାର ଶୁଭାରମ୍ଭ କରାଯିବ । ଏଥି ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବାବେଳେ ପ୍ରସ୍ତୁତି ଶେଷ ହୋଇଛି । ସମାବେଶରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ପ୍ରମୁଖ ଉପସ୍ଥିତ ରହିବେ ।

ଏଥିସହ ବିଭିନ୍ନ ଜିଲ୍ଲାରେ ମଧ ଏହି କାର୍ଯ୍ୟକ୍ରମକୁ ପ୍ରଦର୍ଶିତ କରାଯିବା ସହ ବିଭିନ୍ନ ଜିଲ୍ଲାରେ ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ଉପସ୍ଥିତ ରହି ଚାଷୀଭାଇ ଓ ଭଉଣୀମାନଙ୍କ ମନୋବଳ ବୃଦ୍ଧି କରିବେ । ଏହି ମର୍ମରେ ପୁରୀରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଉଥିବାବେଳେ ସମ୍ବଲପୁରରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ, ଖୋର୍ଦ୍ଧାରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗଞ୍ଜାମରେ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, କଳାହାଣ୍ଡିରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, କୋରାପୁଟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବାଲେଶ୍ୱରରେ ଗୃହନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୟୂରଭଞ୍ଜରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, କନ୍ଧମାଳରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଜଗତସିଂହପୁରରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଭଦ୍ରକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଉଥିବାବେଳେ ଅନ୍ୟ ଜିଲ୍ଲାରେ ସଂପୃକ୍ତ ସାଂସଦ ଓ ବିଧାୟକମାନେ ଯୋଗଦେବେ ।

# କୁବେର ଏସିଏଫ୍ ରେବତୀ ରମଣ ଗିରଫ



ସମ୍ବଲପୁର,(ସବ୍ୟୁ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ହୀରାକୁଦ ବନ୍ୟପ୍ରାଣୀ ବିଭାଗର ସହଯୋଗୀ ବନ ସଂରକ୍ଷକ(ଏସିଏଫ୍) ରେବତୀ ରମଣ ଯୋଶୀ ଗିରଫ ହୋଇଛନ୍ତି । ଦିନକ ପୂର୍ବରୁ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ୯ଟି ସ୍ଥାନରେ ଚଢଉ କରାଯାଇଥିଲା । ଭିଜିଲାନ୍ସ ବିଭାଗର ୩ଜଣ ଡିଏସ୍‌ପି, ୧୦ଜଣ ଇନ୍ସପେକ୍ଟର ସହ କର୍ମଚାରୀ ମାନେ ବରଗଡ ଓ ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢଉ କରିଥିଲେ । ଚଢଉ ବେଳେ ୧୪ଲକ୍ଷ ୭୧ହଜାର ୨୦୦ଟଙ୍କା ନଗଦ , ୧୫୦ଗ୍ରାମ ସୁନା ଗହଣା, ୩୦୦ଗ୍ରାମ ରୁପା ଗହଣା, ୩୧ଲକ୍ଷ୩୧ହଜାର ୮୪୯ଟଙ୍କାର ବ୍ୟାଙ୍କ ଓ ବୀମା ଜମାରାଶି , ୧ଟି ବାଇକ ଓ ୯ଲକ୍ଷ ୧୩ହଜାର ଟଙ୍କାର ଆସବାବପତ୍ର ଠାବ କରାଯାଇଥିଲା । ସ୍ଥାବର ସମ୍ପତ୍ତି ମଧ୍ୟରେ ସମ୍ବଲପୁର ସହରର ଅଇଁଠାପାଲି ଠାରେ ୩ମହଲା କୋଠା, ମାଲିପାଲିରେ ଏକ ବାଣିଜ୍ୟିକ କୋଠା, ଚର୍ଚ୍ଚ ଛକରେ ୨ଟି ଫ୍ଲାଟ, ଫାର୍ମରୋଡରେ ୧ଟି ଫ୍ଲାଟ ଏବଂ ବରଗଡ ଜିଲ୍ଲା ପଦମପୁରରେ ଗୋଟିଏ କୋଠା ରହିଛି । ସେହିପରି ସମ୍ବଲପୁର ଓ ପଦମପୁରରେ ୭ଟି ପ୍ଲଟ ରହିଛି । ଭୁବନେଶ୍ୱରର ଘାଟିକିଆରେ ମଧ୍ୟ ଏକ ଫ୍ଲାଟ ରହିଛି । ତେବେ ସେ ୩ଟି କୋଠାର ମୂଲ୍ୟ ୧କୋଟି ୮୦ଲକ୍ଷ ଥିବା ଦର୍ଶାଇଛନ୍ତି । ମାତ୍ର ୪ଟି ଘର, ୭ଟି ଜମି ପ୍ଲଟ ଓ ମିଳିଥିବା ନଗଦ ୧୪ଲକ୍ଷ ୭୧ହଜାର୨୦୦ ଟଙ୍କାର ପ୍ରକୃତ ତଥ୍ୟ ଭିଜିଲାନ୍ସକୁ ଦେଇପାରି ନାହାଁନ୍ତି । ତେଣୁ ଏହି କୁବେର ଏସିଏଫଙ୍କୁ ଭିଜିଲାନ୍ସ ପକ୍ଷରୁ ମାମଲା ନମ୍ବର ୨୮/୨୪ ରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।



ସମ୍ବଲପୁର : ପୋଲିସ ଏନ୍‌କାଉଣ୍ଟରରେ ସଞ୍ଜୀବ କରାଳୀ ଆହତ

# ଭିନ୍ନ ଜାତି ବିବାହ ପାଇଁ ମିଳିଲାନି ପରିବାରର ଚାରିକାନ୍ଧ

କନ୍ଧମାଳ,(ସବ୍ୟୁ): ମଲା ପରେ ଶବ ଛୁଇଲେନି ଗ୍ରାମବାସୀ ଓ ପରିବାର ବର୍ଗ । ଅନ୍ୟ ଜାତିରେ ବିବାହ କରିଥିବାରୁ ଶବକୁ ମିଳିଲାନି ଚାରିକାନ୍ଧ । ମୃତ ମହିଳା ହେଲେ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ବାଘମୁଣ୍ଡା ଗାଁର ସତ ମାଝୀ, ( ୫୫) ଗାଁର ଜଟିଆ ମାଝୀଙ୍କୁ ବିବାହ କରିଥିଲେ ସତ । ଦୁହେଁ ଅନ୍ୟ ଜାତିରେ ବିବାହ କରିଥିଲେ । ତାଙ୍କର ଏକ ଅବିବାହିତ ଝିଅ ମଧ ଅଛି ।ତେବେ ସ୍ୱାମୀ ମରିବାର ୨୫ବର୍ଷ ହୋଇଗଲାଣି । ଘରେ ଏକ ଅବିବାହିତ ଝିଅ ସାଧେ ସହ ରହୁଥିଲେ ବୃଦ୍ଧା ମା । ତେବେ ଶନିବାର ମଧ୍ୟାହ୍ନରେ ସତ ମାଝୀଙ୍କ ମୃତ୍ୟୁ ହୋଇଥିଲା । ମୃତ୍ୟୁ ପରେ ଏହି ଶବକୁ ଅନ୍ୟ ଜାତିର ବିବାହ କରିଥିବାରୁ କେହି ଛୁଇଲେଣି । ଦୀର୍ଘ ଚାରି ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଘରେ ପଡି ରହିଥିଲା ଶବ । ଶେଷରେ ପଲସାଗୋରା ଅଂଚଳର ସ୍ୱେଚ୍ଛାସେବୀ ଶିତୀକଣ୍ଠ ମିଶ୍ର,ଅସିମ ଅଭିଷେକ ପଣ୍ଡା, ଓ ଅଂଶୁମାନ କର୍ମୀ ମିଶି ଶବକୁ ନେଇ ଗାଁ ସ୍ମଶାନରେ ଦାହ କରିଥିଲେ । ତାଙ୍କର ଏହି ମହତ କାମକୁ ଅନ୍ୟମାନେ ପ୍ରଶଂସା କରିଛନ୍ତି ।

# ପୂର୍ବତନ ଅବକାରୀ ଉପଆୟୁକ୍ତ ଦୋଷୀ ସାବ୍ୟସ୍ତ

ସମ୍ବଲପୁର,(ସବ୍ୟୁ): କଟକ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଏକ ଦୁର୍ନୀତି ନିବାରଣ ମାମଲାର ବିଚାର କରି ଉତ୍ତରାଞ୍ଚଳର ଅବକାରୀ ବିଭାଗ ପୂର୍ବତନ ଉପଆୟୁକ୍ତ ସ୍ୱୟମ୍ଭୁ ପ୍ରସାଦ ମିଶ୍ରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଶନିବାର ସ୍ୱତନ୍ତ୍ର ବିଚାରପତି ତାଙ୍କ ରାୟରେ ଦୋଷୀଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡ ଓ ୧ଲକ୍ଷ ଟଙ୍କା ଜରିମାନା କରିଛନ୍ତି । ଏହି ଦଣ୍ଡ ବିଧାନ ପରେ ଭିଜିଲାନ୍ସ ପକ୍ଷରୁ ଅଭିଯୁକ୍ତଙ୍କ ପେନସନ୍ ବନ୍ଦ କରିବା ପାଇଁ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ସୁପାରିଶ କରିବେ ବୋଲି ଜଣାପଡିଛି । ଓଡିଶା ଦୁର୍ନୀତି ନିବାରଣ ଆଇନ ୧୯୮୮ର ଧାରା ଅନୁଯାୟୀ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିବା ମାମଲାରେ ସ୍ୱତନ୍ତ୍ର ଭିଜିଲାନ୍ସ କଟକ କୋର୍ଟରେ ଦାଖଲ କରାଯାଇଥିଲା ।

# ଭବାନୀପାଟଣାରେ ହୋମଗାର୍ଡ ପ୍ରତିଷ୍ଠା ଦିବସ ପାଳିତ

ଭବାନୀପାଟଣା, (ସବ୍ୟୁ): ସ୍ଥାନୀୟ ରିଜର୍ଭ ପୋଲିସ ପଡିଆରେ ଶୁକ୍ରବାର କଳାହାଣ୍ଡି ପୋଲିସ ପକ୍ଷରୁ ୬୨ ତମ ହୋମଗାର୍ଡ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଏସପି ଅବିନାଶ ଜୀ ଯୋଗଦେଇ ଆୟୋଜିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। କମ୍ପାନୀ କମାଣ୍ଡର ତେଜେଶ୍ୱର ସରାଫ୍‌ଙ୍କ ନେତୃତ୍ୱରେ ଜିଲ୍ଲା ହୋମଗାର୍ଡ ବାହିନୀ ପକ୍ଷରୁ ଏହି ପ୍ୟାରଡ୍ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମଞ୍ଚରେ ଏସ୍ ପି ଅବିନାଶ ଜୀଙ୍କ ସହ ଅତିରିକ୍ତ ଏସ୍ ପି. ଆନନ୍ଦ ବର୍ଦ୍ଧନ ଗୁରୁ, ସଦର ଏସ୍ ଡି ପିଓ, ଆଇ ପିଏସ୍, ମାନେ ଆଦିନଚ ବାବୁରାଓ, ଡିଏସ୍ ପି ହୋମଗାର୍ଡ ସୁମିତ୍ରା ଜେନା, ହୋମଗାର୍ଡ ସର୍ଜେଣ୍ଟ ବିଶ୍ୱନାଥ ଜେନାଙ୍କ ସହ ରିଜର୍ଭ ଇନ୍ସପେକ୍ଟର ସୁରେଶ କୁମାର ବଳିୟାର ସିଂ,ଏକ୍ସ ପ୍ୟାରଡ୍ କମାଣ୍ଡର ମହେଶ ଶତପଥୀ ଓ ଅନ୍ୟାନ୍ୟ ପୋଲିସ ବିଭାଗ ଅଧିକାରୀ, ନିମନ୍ତ୍ରିତ ଅତିଥି ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୧୩ ଜଣ ହୋମଗାର୍ଡଙ୍କୁ ମୁଖ୍ୟଅତିଥି ଏସ୍ ପି ଅବିନାଶ ଜୀ ପୁରସ୍କୃତ କରିଥିଲେ। ସେମାନେ ହେଲେ ଟାଉନଥାନାର ରାକେଶ କୁମାର ମହାନ୍ତି, ହମିଦ କୁମାର ବାଗ, ସଦର ଥାନାର ଘନଶ୍ୟାମ ବାଗ, କେସିଙ୍ଗାର ଦିଲ୍ଲୀପ କୁମାର ନାଏକ,ମଦନ ପୁର ରାମପୁରର ମାୟାଧର ସାହୁ,ବିଶ୍ୱନାଥ ପୁରର ସନ୍ତୋଷ ନାଗ, ଲାଞ୍ଜିଗଡର ଭବାନୀ ଶଙ୍କର ଦଣ୍ଡସେନା, ଜୁନାଗଡର ଯୋଗେଶ୍ୱର ଗହୀର, ଧର୍ମଗଡର ନିର୍ମଳ ବିହାରୀ, ଗୋଲାମୁଣ୍ଡାର ଶଙ୍କର ନାଏକ, କେଗାଁର କୁଞ୍ଜବନ ସେଠିଆ, ଥୁଆମୂଳ ରାମପୁରର ସଚ୍ଚିନ୍ଦ୍ର ନାଏକ ଓ ବ୍ରଜେନ୍ଦ୍ର ରାଉତ ପ୍ରମୁଖ ।

# ଜାତୀୟ ରାଜପଥ ପାରି ହେଲା ବଣୁଆ ହାତୀ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ଅନ୍ତର୍ଗତ ଜାମଟାଲ ପେଟ୍ରୋଲ ପମ୍ପ ନିକଟ ୫୫ନମ୍ବର ଜାତୀୟ ରାଜପଥ ଉପରେ ଶନିବାର ଏକ ବଣୁଆ ହାତୀ ରାସ୍ତା ପାରି ହେଉଥିବା ଦେଖିବାକୁ ମିଳିଥିଲା । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ଦେଖାଯାଇଛି । ସକାଳ ପ୍ରାୟ ୭ଟାରେ ଏହି ଘଟଣା ଦେଖିବାକୁ ମିଳିଥିବା ବେଳେ ଅଞ୍ଚଳବାସୀ ଭୟଭୀତ ହୋଇ ପଡିଛନ୍ତି । ତେବେ ଗତ କିଛି ଦିନ ହେବ ସଂଧ୍ୟା ହେଲେଏହି ଆଖପାଖ ଅଞ୍ଚଳରେ ହାତୀଙ୍କ ପ୍ରାର୍ଦୁଭାବ ଦେଖିବାକୁ ମିଳୁଛି । ସଞ୍ଜ ନଇଁଲେ ଲୋକେ ହାତୀ ଭୟରେ ତାଟିକବାଟ ବନ୍ଦ କରି ରହୁଛନ୍ତି । ଅନେକ ଉଚ୍ଚ ସ୍ଥାନରେ ମଞ୍ଚା କରି ମଧ୍ୟ ରହୁଛନ୍ତି । ତେବେ ବନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

# ସିଆରପିଏଫ୍ ଗ୍ରୁପ ସେଣ୍ଟରରେ ମିଲେଟ୍ ମେଳା



ସମ୍ବଲପୁର, (ସବ୍ୟୁ) : ସିଆରପିଏଫ୍ ଗ୍ରୁପ୍ ସେଣ୍ଟର ଗୋଶାଳା ଠାରେ ମିଲେଟ୍ ମେଳା ଅନୁଷ୍ଠିତ ହୋଇଯାଇଛି । ଡେପୁଟି ଇନ୍ସପେକ୍ଟର ଜେନେରାଲ ସଞ୍ଜୟ କୁମାର ସିଂ ଯୋଗ ଦେଇ ଏହାର ଶୁଭ ଉଦ୍ଘାଟନ କରିଥିଲେ ।

ସେ ଏହି ଅବସରରେ କହିଥିଲେ ଯେ, ଆଜିକାଲି ସମସ୍ତେ ସ୍ୱାସ୍ଥ୍ୟ ନେଇ ବେଶ୍ ଯତ୍ନବାନ ଅଛନ୍ତି । ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ହେଉଛି ଖାଦ୍ୟ । ଭଲ ଖାଦ୍ୟ ଶସ୍ୟ ବ୍ୟବହାର କରି ଆମେ ଆମର ଉନ୍ନତି କରିପାରିଛି । ଫଳରେ ଅଧିକ ଦିନ ବଞ୍ଚିପାରିବା । ଏହି ମେଳାରେ ୨୨ପ୍ରକାର ଖାଦ୍ୟ ପ୍ରଦର୍ଶିତ ହୋଇଥିଲା । ବିଶେଷ ଭାବେ ମିଲେଟ୍ ଉପମା, ହାଲୱା, ଇଡଲି, ଲଡୁ, ସୁପ୍, କ୍ଷୀରି, ପୁରୀ, ପରଠା, ରୋଟି, ପକୋଡା ଆଦି ପ୍ରସ୍ତୁତ କରି ବିଭିନ୍ନ ଷ୍ଟଲରେ ପ୍ରଦର୍ଶିତ ହୋଇଥିଲା । କ୍ୟାମ୍ପ ପରିସରରେ ରହୁଥିବା ସମସ୍ତ ପରିବାର ସଦସ୍ୟ ଏହି ମେଳାରେ ସାମିଲ ହୋଇଥିଲେ ।

# ଶୈକ୍ଷିକ ବିଜ୍ଞାନ ମେଳା ଆୟୋଜିତ

ଜୟପାଟଣା,(ସବ୍ୟୁ): କଳାହାଣ୍ଡି ମୁଖିଗୁଡା ସ୍ଥିତ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲରେ ଶୈକ୍ଷିକ ବିଜ୍ଞାନ ମେଳା ଶୁକ୍ରବାର ମହାସମାରୋହରେ ଉଦଯାପିତ ହୋଇଯାଇଛି। ଗୁଣାତ୍ମକ ଶିକ୍ଷାଦାନ କ୍ଷେତ୍ରରେ ଉଦାହରଣ ପାଲଟିଥିବା ଏହି ଅନୁଷ୍ଠାନରେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ସ୍କୁଲର ପ୍ରତିଷ୍ଠାତା ଶିବ ପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଇନ୍ଦ୍ରାବତୀ ଡିଗ୍ରୀ କଲେଜର ଅଧ୍ୟକ୍ଷ ବୈଦ୍ୟନାଥ ପାଢ଼ୀ ଆସନ ଅଳଙ୍କୃତ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ରଜନୀ କାନ୍ତ ଠାକୁର ଯୋଗ ଦେଇଥିଲେ। ବିଚାରକ ଭାବରେ ପ୍ରକାଶ ପଣ୍ଡା, ଉଦୟ ମହାରଣା, ଅଭିଜିତ ଗିରି, ଜୟ ହିମାଦ୍ରି ମୁଦୁଲି ପ୍ରମୁଖ ସକ୍ରୀୟ ସହଯୋଗ ପ୍ରଦାନ କରିଥିଲେ। କୁନିକୁନି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶିତ ବହୁ ବିଜ୍ଞାନ ଭିତ୍ତିକ ପ୍ରୋଜେକ୍ଟ ବିଶେଷ ଆକର୍ଷଣୀୟ ହୋଇଥିଲା। ପ୍ରିନସିପାଲ ବିନୋଦ ବିହାରୀ ନାୟକ ଅତିଥି ପରିଚୟ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଳିକା ହକିରେ କିରିମିରା ଜୋନରେ ଏକଲବ୍ୟ ସ୍କୁଲ ଚାମ୍ପିଅନ



ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲା ହକି ଆସୋସିଏସନ ଏବଂ ଜିଲ୍ଲା ଶିକ୍ଷା ବିଭାଗ ସହଯୋଗରେ କିରିମିରା ଜୋନର ଦ୍ୱିତୀୟ ଦିବସ ବାଳିକା ବିଭାଗ ହକିରେ ଏକଲବ୍ୟ ସ୍କୁଲ ଚାମ୍ପିଅନ ହୋଇଥିବା ବେଳେ କିରିମିରା ଜୋନ ଏସ ଏସଡି, ଅର୍ଡ଼ା ରନର୍ସ ଅପ ହୋଇଥିଲା ।

ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କିରମିରା ତହସିଲଦାର ଦିବାକର ମାଝି ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ କିର୍ମିରା ବି.ଡି.ଓ. ଅବିନାଶ ଲାକ୍ରା, ଲଇକେରା ବି.ଡି.ଓ. ଜର୍ଜ ଡୁଙ୍ଗଡୁଙ୍ଗ,କିର୍ମିରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌରିନାରାୟଣ ବାରିକ ପ୍ରମୁଖ ଯୋଗ ଦେଇଥିଲେ । ଖେଳାଳି ମାନେ ଅତିଥି ମାନଙ୍କୁ ଏକ ଉନ୍ନତ ମାନର ଖେଳ ପଡିଆ ନିର୍ମାଣ ପାଇଁ ଅନୁରୋଧ କରିଥିଲେ । ଶ୍ରୀ ମାଝୀ ତାଙ୍କ ବକ୍ତବ୍ୟରେ ହକି ଖେଳର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

ଏହି ଅବସରରେ ଓଡ଼ିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବିମଳ କୁମାର ତାଣ୍ଡି ଓ ପୂର୍ବତନ ଶାରୀରିକ ଶିକ୍ଷା ଅଧିକାରୀ ଡମ୍ବରୁଧର ପୂଜାରୀ ଖେଳାଳି ମାନଙ୍କୁ ଆଗାମୀ ଦିନରେ ଅଭ୍ୟାସ ସହ ଉଚ୍ଚ ମାନର ଖେଳ ପ୍ରଦର୍ଶନ କରି ଜିଲ୍ଲା ଓ ରାଜ୍ୟସ୍ତରୀୟ ହକିରେ ନିଜର ସ୍ଥାନ ବଜାୟ ରଖିବା ପାଇଁ ମାର୍ଗଦର୍ଶନ ଦେଇଥିଲେ। ମୁଖ୍ୟ ଅତିଥି ଖେଳର ସମାପନ ଘୋଷଣା ପୂର୍ବକ ଖେଳ ପତାକା ଅବତାରଣ କରିଥିଲେ । ମ୍ୟାଚକୁ ସୁଜିତ ଲାକ୍ରା, ପ୍ରଫୁଲ୍ଲ କୁଲୁ,ଶକୁନ ନାଏକ,ଚାନ୍ଦିନୀ ଓରାମ,ସେଛଫିଆ ପଟେଲ, ଜିତେନ୍ଦ୍ର ମହନ୍ତ, ଦେବଦତ୍ତ ଗିରି, ଯଶୋବନ୍ତ ଭୋଇ, ଅମୀୟ ଷଣ୍ଢ, ଜୀବର୍ଦ୍ଧନ ରାଉତ ଓ ଦୀପାଞ୍ଜଳି ନାଏକ, ରୀନା ପଟେଲ ପରିଚାଳନା କରିଥିଲେ ।

# ଚାରାରୋପଣ ଅଭିଯାନ ସହ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ

ସମ୍ବଲପୁର,(ସବ୍ୟୁ): ହିଣ୍ଡାଲକୋ ହୀରାକୁଦ ଠାରେ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ୨୦୨୪ ପାଳନ ଅବସରରେ ଏକ ବୃହତ ଚାରାରୋପଣ ଅଭିଯାନ ଆରମ୍ଭ ହୋଇଯାଇଛି । ଏହି ଅବସରର ବୁଢ଼ାକାଟ ଗ୍ରାମ ଠାରେ ଚାରାରୋପଣ କରାଯାଇଥିଲା । ଯାହା ପରିବେଶ ସଂରକ୍ଷଣ ପାଇଁ ହିଣ୍ଡାଲକୋର ସାମୂହିକ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରିଥିଲା । କାର୍ଯ୍ୟକ୍ରମରେ ପ୍ରଦୂଷଣର ମୁକାବିଲା ଓ ସମସ୍ତଙ୍କ ପାଇଁ ସବୁଜ, ସୁସ୍ଥ ଭବିଷ୍ୟତ ସୁନିଶ୍ଚିତ କରିବାରେ ଉଭୟ ବ୍ୟକ୍ତି ଏବଂ ସମ୍ପ୍ରଦାୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରାଯାଇଥିଲା । ଚାରାରୋପଣ କାର୍ଯ୍ୟକ୍ରମରେ ପ୍ଲାଣ୍ଟ ମୁଖ୍ୟ ସିପିପି ଅରୁଣ କୁମାର ସିଂହ, ପ୍ଲାଣ୍ଟ ମୁଖ୍ୟ ସ୍ମେଲଟର ପ୍ରତାପ ସାହୁ, ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଦେ, ରୂପାନ୍ତରଣ ମୁଖ୍ୟ ସନ୍ଦୀପ ସିଂହଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ପ୍ରତିବର୍ଷ ଡିସେମ୍ବର ୨ ତାରିଖରେ ପାଳନ କରାଯାଉଥିବା ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ଭୋପାଳ ଗ୍ୟାସ୍ ଟ୍ରାଜେଡିର ଏକ ଗମ୍ଭୀର ସ୍ମାରକୀ ଭାବରେ କାର୍ଯ୍ୟ କରେ । ଭବିଷ୍ୟତରେ ସମାନ ଶିଳ୍ପ ବିପର୍ଯ୍ୟୟକୁ ରୋକିବା ପାଇଁ ପ୍ରଭାବଶାଳୀ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱ ବହନ କରେ।

# ସର୍ବଭାରତୀୟ ହକି ଟୁର୍ଣ୍ଣାମେଣ୍ଟ ଉଦଯାପିତ



ସଇଁତଲା, (ସବ୍ୟୁ): ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ଅନ୍ତର୍ଗତ ବଡ଼ମାଳ ଗୋଳାବାରୁଦ କାରଖାନା ପରିସରସ ସ୍ପୋର୍ଟସ ଷ୍ଟାଡ଼ିୟମରେ ମ୍ୟୁନିସନ ଇଣ୍ଡିଆ ଲିମିଟେଡ଼ (ଏମଆଇଏଲ) ପକ୍ଷରୁ ଚାଲିଥିବା ଦ୍ୱିତୀୟ ସର୍ବଭାରତୀୟ ହକି ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ କୋର୍ବାଇଟ ଫ୍ୟାକ୍ଟି ଆର୍ଭାନକାଡୁ ଓ ଜବଲପୁରର ଅଡିନାନ୍ସ ଫ୍ୟାକ୍ଟି ଖମାରିଆ ମଧ୍ୟରେ ହୋଇଥିଲା ।ଆର୍ଭାନକାଡୁ ୨ – ୧ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଥବାବେଳେ ଖମାରିଆ ରନର୍ସଅପ ହୋଇଥଲା । ଏହି ଅବସରରେ ଅନୁଷ୍ଠିତ ସଭାରେ ପୂର୍ବତନ ମହିଳା ହକି ଖେଳାଳୀ ଏଗ୍ନେସିଆ ଲୁଗୁନ ମୁଖ୍ୟ ଅତିଥ, କାରଖାନାର ମୁଖ୍ୟ ମହା ପ୍ରବନ୍ଧକ ପ୍ରଦୀପ କୁମାର ଦାଶ, ମହାପ୍ରବନ୍ଧକ ପି.ଏଲ.ଭି. ଶେଖର. ବରିଷ୍ଠ ଗୁଣବତା ଆଶ୍ୱାସନା ଅଧିକାରୀ କର୍ନେଲ ଅମିତାଭ ରାଠୀ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ବିଜେତା ଓ ଉପବିଜେତାଙ୍କୁ ପୁରସ୍କୃତ କରିଥିଲେ । ବଲାଙ୍ଗିର କରାଟେ ସ୍କୁଲର ଛାତ୍ରୀ ତମନ୍ନା ମେହେରଙ୍ଗ ଭବିଷ୍ୟତ ଗଠନ ପାଇଁ ତିନି ଲକ୍ଷ ଆଠ ହଜାର ଟଙ୍କାର ସହାୟତା ରାଶି ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ଦାଶ ପ୍ରଦାନ କରିଥିଲେ ।

ସୂଚନା ଯୋଗ୍ୟ ଯେ, ଛାତ୍ରୀ ତମନ୍ନା ମେହେର ଗତ ମାସରେ ଦକ୍ଷିଣ ଆଫ୍ରିକା ଡୁରବାନଠାରେ ଆୟୋଜିତ କମନୱେଲଥ କରାଟେ ଚାମ୍ପିୟାନସିପରେ ବ୍ରୋଚ ମେଡ଼ାଲ ପାଇଥିଲେ । କାର୍ଯ୍ୟକ୍ରମକୁ କାରଖାନାର ସୂଚନା ଓ ଲୋକସମ୍ପର୍କ ଅଧକାରୀ ଦିଲିପ ପଟ୍ଟନାୟକ ପରିଚାଳନା କରିଥିବାବେଳେ ଖେଳ ଅଧିକାରୀ ଜପିଲ କୁମାର ଖାଲକୋ, ସମ୍ପାଦକ ରାଜେସ ଓରାମ, ଅଜିତ କୁମାର ମିଶ୍ର, ରାମକ୍ରିଷ୍ଣା ବୋଷ, ଜ୍ୟୋତିର୍ମୟ ପୂଝାରୀ, ମନୋଜ ପଟ୍ଟନାୟକ, ପ୍ରକାଶ ଶର୍ମା, ଦେବାଶିଷ ସାହୁ, ପ୍ରଦୀପ କୁମାର କର, ଜୟ ସିଂ ନାଏକ, ଶତଦଳ ବେହେରା, ସୌମ୍ୟ ରଂଜନ ସାହୁ, ଅଶ୍ୱିନୀ ପାଢ଼ୀ, ସୁବଳ ତାଣ୍ଡି, ଆଜାଦ ପରେଟା, ଗୋପାଳ ଗିରି, କିରଣ ତ୍ରିପାଠୀ, ସୁଧର ଥାଟିଙ୍ଗ ସମେତ ଜେସିଏମ, କାର୍ଯ୍ୟସମିତି, ୟୁନିୟନ ଏବଂ ଆସୋସିଏସନର କର୍ମକର୍ତା ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ ।

## ୫ ମାସ ହେଲା ଖାଲି ପଡିଛି ଡବ୍ଲୁଓଡ଼ିସି ଅଧ୍ୟକ୍ଷ ପଦ

# ଥଇଥାନ ଆଶାରେ ଅନେକ ପରାଜିତ ନେତା

ସମ୍ବଲପୁର, (ସବ୍ୟୁ): ପଶ୍ଚିମ ଓଡିଶା ବିକାଶ ପରିଷଦ ୧୧ନଭେମ୍ବର, ୧୯୯୮ ମସିହାରେ ଆରମ୍ଭ ହୋଇଥିଲା । ଆର୍ଥିକ, ସାମାଜିକ କ୍ଷେତ୍ରରେ ପଛୁଆ ପଡ଼ିଥିବା ପଶ୍ଚିମ ଓଡ଼ିଶାର ୧୦ ଜିଲ୍ଲା ଓ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ ଅଞ୍ଚଳକୁ ନେଇ ଗଠିତ ହୋଇଛି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ । ଆଞ୍ଚଳିକ ତାରତାମ୍ୟ ଦୂର କରିବା ଲକ୍ଷ୍ୟରେ ଏହି ବିକାଶ ପରିଷଦ ଗଠନ ହୋଇଥିଲା । ଇତିମଧ୍ୟରେ ଏହା ୨୫ବର୍ଷ ଅତିକ୍ରାନ୍ତ କରିସାରିଛି । ମାତ୍ର ଯେଉଁ ଆଶା ନେଇ ଏହା ଗଠନ ହୋଇଥିବା ତାହା ପୂରଣ ହୋଇପାରିନାହିଁ । ବିକାଶ ପରିଷଦ କେବଳ ଅଧିକାରୀ ଓ ନେତାଙ୍କ ଥଇଥାନ କେନ୍ଦ୍ର ପାଲଟିଛି । ଏପରି ସ୍ଥଳେ ଗତ ନିର୍ବାଚନରେ ପରାଜୟ ବରଣ କରିଥିବା ବିଜେପି ନେତା ମାନେ ଏହି ପଦ ଅଳଙ୍କୃତ କରିବେ ବୋଲି ଆଶାବାନ୍ଧି ବସିଛନ୍ତି । ଦୌଡରେ ପଶ୍ଚିମ ଓଡିଶାର ଅଧିକାଂଶ ପରାଜିତ ନେତା ଥିବା ବେଳେ ସେମାନେ ଏକ ପ୍ରକାର ଲବି ଆରମ୍ଭ କରି ଦେଇଛନ୍ତି ।

ରାଜ୍ୟରେ ପ୍ରଥମ ଥର ବିଜେପି ସରକାର ଶାସନ କରୁଛି । ଦୀର୍ଘବର୍ଷ ଶାସନ କରିଥିବା ବିଜେଡି ସରକାର ହଟିଛି । ଫଳରେ ବିଭିନ୍ନ ବିଭାଗର ଉପଦେଷ୍ଟା ଓ ନିଗମ ଅଧ୍ୟକ୍ଷ ପଦବୀରୁ ସବୁ ବିଜେଡି ନେତାଙ୍କୁ ବିଦା ହେବାକୁ ପଡିଛି । ଏହାପୂର୍ବରୁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ ଗତ ୧୭ଅଗଷ୍ଟ, ୨୦୨୪ରେ ନିଜେ ଇସ୍ତଫା ଦେଇଥିଲେ । ସୁବାସ ଚୌହାନଙ୍କ ଅକାଳ ବିୟୋଗ ପରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ଗତ ୨୬ଡିସେମ୍ବର, ୨୦୨୦ରେ ଏହାର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିଲେ । ପର୍ଯ୍ୟଟନ , ଗମନା ଗମନର ବିକାଶ ଏବଂ ବିଭିନ୍ନ ବ୍ଲକରେ ଗୋଷ୍ଠୀ କଲ୍ୟାଣ କେନ୍ଦ୍ର ମାନ ଗଠନ ପାଇଁ ସେ ପଦକ୍ଷେପ ନେଇଥିଲେ । ଏଥିସହ ଆଭ୍ୟନ୍ତରୀଣ ଅଞ୍ଚଳର କିଛି ଶିକ୍ଷାନୁଷ୍ଠାନ ଗୁଡିକର ଭିତ୍ତିଭୂମି ବିକାଶ ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲା । ସରକାର ଗଠନର ୬ମାସ ପରେ ମଧ୍ୟ ଏହି ମର୍ଯ୍ୟଦାପୂର୍ଣ୍ଣ ବିକାଶ ପରିଷଦ ଅଧ୍ୟକ୍ଷ ଆସନ ଖାଲି ପଡିଛି । ସେହିପରି ଏହାର ଅନେକ ବିଶେଷଜ୍ଞ ସଦସ୍ୟ ଓ ଉପଦେଷ୍ଟା ପଦବୀ ଗୁଡିକ ମଧ୍ୟ ସେହି ଅବସ୍ଥାରେ ପଡି ରହିଛି ।

ବରିଷ୍ଠ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡେଇଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା । ସେହି କମିଟି ଅର୍ଥନୈତିକ ସ୍ଥିତି ସହ ବିଭିନ୍ନ ମାନଦଣ୍ଡକୁ ନେଇ ତାଙ୍କ ରିପୋର୍ଟରେ ଦର୍ଶାଇଥିଲା । ଏଥିରେ ପଛୁଆ ବ୍ଲକ ଗୁଡିକର ଉନ୍ନତି ପାଇଁ ବିଭିନ୍ନ ପ୍ରସ୍ତାବ ରହିଥିଲା । ସେହି ରିପୋର୍ଟର ପ୍ରାୟ ୨ଦଶନ୍ଧି ପରେ ମଧ୍ୟ ବିକାଶ ପରିଷଦ ପଛୁଆ ବ୍ଲକଗୁଡିକର ସାମଗ୍ରିକ ବିକାଶ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନଥିବା ଅଭିଯୋଗ ହେଉଛି । କଂଗ୍ରେସ ସରକାର ସମୟରେ ଏହି ବିକାଶ ପରିଷଦ ଗଠିତ ହୋଇଥିଲା । ଏହି ସମୟରେ ବିଜେଡି ଓ ବିଜେପି ବିକାଶ ପରିଷଦକୁ ସ୍ୱୟଂଶାସିତ ମର୍ଯ୍ୟାଦା ଦେବା ଏବଂ ନିର୍ବାଚିତ ପ୍ରତିନିଧି ମୂଳକ କରିବା ପାଇଁ ଦାବି କରି ଆନ୍ଦୋଳନ କରିଥିଲେ । ତେବେ ଉଭୟ ଦଳ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଶାସନରେ ଥିବାବେଳେ ତାଙ୍କ ପୂର୍ବ ଦାବି ଉପରେ ଏକ ପ୍ରକାର ନୀରବତା ଅବଲମ୍ବନ କରିଥିଲେ । ବିଭିନ୍ନ ସମୟରେ ରାଜ୍ୟ ସରକାର ପରିଷଦ ପାଇଁ ପାଣ୍ଠି ବୃଦ୍ଧି କରିଛନ୍ତି । ମାତ୍ର ତାହା ପର୍ଯ୍ୟାପ୍ତ ନୁହେଁ । ନରସିଂହ ମିଶ୍ର, ଅଇଁଠୁ ସାହୁ, ପଦ୍ମିନୀ ଶେଖର ଦେଓ , ନିରଞ୍ଜନ ପଣ୍ଡା, କିଶୋର ମହାନ୍ତି, ସୁବାସ ଚୌହାନ ଓ ଅସୀତ ତ୍ରିପାଠୀ ଭଳି ବିଶିଷ୍ଟ ବ୍ୟକ୍ତି ବିଶେଷ ଏହାର ଅଧ୍ୟକ୍ଷ ହୋଇଛନ୍ତି । ହେଲେ ଗଠନ ପର ଠାରୁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧନରେ ବିକାଶ ପରିଷଦ କେତେ ଦୂର ସକ୍ଷମ ହୋଇଛି ତାହା ସମସ୍ତଙ୍କୁ ଅଛପା ନାହିଁ । ପଶ୍ଚିମ ଓଡିଶାର ମୁଖ୍ୟାଳୟ ତାର କାର୍ଯ୍ୟକ୍ଷେତ୍ରର ପରିସୀମାରେ ରହିବା ଉଚିତ୍ । ତାହା ମଧ୍ୟ ଅପୂରଣୀୟ ହୋଇ ରହିଛି । ଏସମ୍ପର୍କରେ ରାଜ୍ୟ ସରକାର ଅଧ୍ୟୟନ ଓ ଅନୁସନ୍ଧାନ କରିବାର ଆବଶ୍ୟକତା ରହିଛି ।

## ନୀଳଗିରିକୁ ପ୍ରବେଶ କଲେ ୫୫ ଘରିଆ ଝାଡ଼ଖଣ୍ଡୀ ହାତୀପଲ

ନୀଳଗିରି, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡରେ ୫୫ ଘରିଆ ଝାଡ଼ଖଣ୍ଡୀ ହାତୀପଲ। ଝାଡ଼ଖଣ୍ଡର ଦଲମା ଜଙ୍ଗଲରୁ ଗତ ୨୦୧୦ ମସିହାରୁ ଚିରାଚରିତ ଭାବେ ନୀଳଗିରିକୁ ଏହି ହାତୀ ପଲ ଆସୁଛନ୍ତି । ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଝାଡ଼ଖଣ୍ଡର ଦଲମା ଜଙ୍ଗଲରୁ ଏହି ହାତୀ ପଲ ଆସି ସୀମାନ୍ତ ପାରି ହୋଇ ଶନିବାର ଭୋର ସମୟରେ ନୀଳଗିରି ରେଞ୍ଜ ଅଧିନ ଦୁର୍ଗାଦେବୀ, ପୁନ୍ଦାଳ, କାଠପାଳ, ପାଟଣା ଅଯୋଧ୍ୟା ପିଚୁ ରାସ୍ତା ପାର କରି ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଛନ୍ତି । ହାତି ଆସୁଥିବା ରାସ୍ତାରେ ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି।

ଏହି ହାତୀ ପଲ ମଧ୍ୟରେ ୨୬ଟି ମାଈ, ୧୩ଟି ଦନ୍ତା ହାତୀ ଥିବା ବେଳେ ୧୬ ଛୁଆ ହାତୀ ଅଛନ୍ତି। ସନ୍ଧ୍ୟା ୬ ଘଟିକା ସୁଦ୍ଧା ହାତୀପଲ ଦୁଇରୁ ତିନି ଭାଗରେ ବିଭକ୍ତ ହୋଇ ତିନିକୋଶିଆ ସଂରକ୍ଷିତ ଜଙ୍ଗଲ ମୁହାଁ ହେଉଥିବା ସୂଚନା ମିଳିଛି। ଏବେ ଧାନ ଅମଳ ସମୟ ହୋଇଥିବା ବେଳେ ହାତୀପଲ ଆସୁଥିବାର ଖବର ପାଇ ଚାଷୀକୁଳ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଅନ୍ୟ ପକ୍ଷରେ ବନବିଭାଗ ତରଫରୁ ସଂରକ୍ଷିତ ଜଙ୍ଗଲ ଚାରି ପାଖରେ ଖୋଳା ଯାଇଥିବା ଟ୍ରେଞ୍ଚ, ସୌରବାଡ଼ ଗୁଡ଼ିକ ବିଧ୍ୱସ୍ତ ହୋଇଥିବା ବେଳେ ଅନ୍ଧାର ରାତ୍ରୀରେ କେତେବେଳେ ଯେ ହାତୀ ଜନବସତି ମୁହାଁ ହେଇ ଧନ ଜୀବନ କ୍ଷତି କରିବ ତାହା କହି ହେବ ନାହିଁ । ତେଣୁ ଜଙ୍ଗଲ ଚାରି ପାଖରେ ଖୋଳା ଯାଇଥିବା ଟ୍ରେଞ୍ଚ, ସୌରବାଡ଼ ଗୁଡ଼ିକୁ ଜରୁରୀ କାଳିନ ଭିତ୍ତିରେ ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ବନବିଭାଗ ଡାକବାଜି ଯନ୍ତ୍ର ମାଧ୍ୟମରେ ହାଣ୍ଡିଆ, ମହୁଲ, ମାଦକଦ୍ରବ୍ୟ ନ ରଖିବା ପାଇଁ ଗ୍ରାମବାସୀଙ୍କୁ ସଚେତନ କରାଯାଇଛି। ନୀଳଗିରି ରେଞ୍ଜର ଆଇସା ଅକ୍ତାରି ନିସାଙ୍କ ନେତୃତ୍ୱରେ ୩୦ରୁ ଉର୍ଦ୍ଧ ବନ କର୍ମଚାରୀମାନେ ହାତୀଙ୍କ ଗତିବିଧିକୁ ନଜର ରଖିଛନ୍ତି। ହାତୀପଲ ଯେପରି ଜନବସତି ମୁହାଁ ହେବେ ନାହିଁ ସେଥିପ୍ରତି ବିଭାଗ ସଜାଗ ରହିଛି ।

## ରେଳଷ୍ଟେସନରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କଲେ ରେଳମନ୍ତ୍ରୀ



ବେତନଟୀ, (ସବ୍ୟୁ) : ବେତନଟୀ ରେଳଷ୍ଟେସନ ପରିଦର୍ଶନ କରିବା ସହ ବିଭାଗୀୟ ଅଧିକାରୀଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହିତ ଶନିବାର ପୂର୍ବାହ୍ନ ସମୟରେ ଆଲୋଚନା କଲେ ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ଓ ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ।

ରାଷ୍ଟ୍ରପତିଙ୍କ ବାଙ୍ଗିରିପୋଷି ସ୍ଥିତ କାର୍ଯ୍ୟକ୍ରମ ସାରି ସ୍ୱତନ୍ତ୍ର ଟ୍ରେନଯୋଗେ ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ଓ ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ, ଦକ୍ଷିଣ ପୂର୍ବ ରେଳପଥର ଜେନେରାଲ ମ୍ୟାନେଜର ଅନିଲ କୁମାର ମିଶ୍ରା ପ୍ରମୁଖଙ୍କ ସମେତ ରେଳ ବିଭାଗର ଅନ୍ୟାନ୍ୟ ପଦାଧିକାରୀ ବାଲେଶ୍ୱର ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଶନିବାର ସକାଳ ସାଢେ ଏଗାରଟାରେ ବେତନଟୀ ଷ୍ଟେସନରେ ଅଟକିଥିଲେ । ଷ୍ଟେସନରେ ବେତନଟୀ ମଣ୍ଡଳ ସଭାପତି ରାଜକିଶୋର ଶାହା, ବୁଥସଭାପତି ରଞ୍ଜିତ ପ୍ରଧାନ, ଯୁବମୋର୍ଚ୍ଚା ସଭାପତି ଶିଶିର କୁମାର ବେହେରା, ଯୁବସଂଗଠକ ଭବାନୀ ଶଙ୍କର ପରିଡା ପ୍ରମୁଖ ଉତ୍ତରୀୟ ଦେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସ୍ୱାଗତ କରିଥିଲେ ।

ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ଓ ସାଂସଦ ଶ୍ରୀଯୁକ୍ତଷଡ଼ଙ୍ଗୀ ବେତନଟୀ ରେଳ ଷ୍ଟେସନ ପରିଦର୍ଶନ କରିବା ସହିତ ଷ୍ଟେସନ ମାଷ୍ଟର ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ଷ୍ଟେସନ ଓ ପ୍ଲାଟଫର୍ମ ପରିସର ପରିଷ୍କାର ପରିଚ୍ଛନ୍ନ ଥିବାର ଦେଖି ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ସନ୍ତୋଷବ୍ୟକ୍ତ କରିବା ସହିତ ଏହିଭଳି ପରିଷ୍କାର ପରିଚ୍ଛନ୍ନ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ବେତନଟୀ ରେଳଷ୍ଟେସନରେ ନିର୍ମାଣାଧୀନ ଅଣ୍ଡରପାସ କାର୍ଯ୍ୟ ଖୁବ ଶୀଘ୍ର ଶେଷ କରିବା ଉପରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ ।

## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ନୂତନ ଭାବେ ବ୍ଲକରେ ଯୋଗଦେଇଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଞ୍ଚାୟତ ଦାଇତ୍ୱ ବଣ୍ଟନ କରାଯିବା ସହ ପୂର୍ବରୁ ଥିବା ନିର୍ବାହୀ ଅଧିକାରୀଙ୍କ ଅଦଳ ବଦଳ କରାଯାଇଛି । ବ୍ଲକରେ ନୂତନ ଭାବେ ଯୋଗଦେଇଥିବା ପିଇଓ ଦିନବନ୍ଧୁ ପାତ୍ରଙ୍କୁ ବାଲିପୋଖରୀ ପଞ୍ଚାୟତ ଦାଇତ୍ୱ, ପିଇଓ ନିଶାକର ଖୁଣ୍ଟିଆଙ୍କୁ ନାଆମୀ ଓ କୁରିଗାଁ ପଞ୍ଚାୟତ ଦାଇତ୍ୱ, ପିଇଓ ପ୍ରଦୀପ କୁମାର ନାୟକଙ୍କୁ ରହଣିଆ ପଞ୍ଚାୟତ ଦାଇତ୍ୱ, ପିଇଓ ରଜନୀକାନ୍ତ ବଳଙ୍କୁ ରଣଜିତ ଓ ଷୋଳମପୁର ପଞ୍ଚାୟତ ଦାଇତ୍ୱ, ପିଇଓ ପ୍ରକାଶ ଚନ୍ଦ୍ର ନାୟକଙ୍କୁ ନପଙ୍ଗ ଓ ସରସଦା ପଞ୍ଚାୟତ ଦାଇତ୍ୱ ଗ୍ରହଣ କରିବା ପାଇଁ ଆଦେଶ ଜାରି ହୋଇଛି । ବ୍ଲକରେ କାର୍ଯ୍ୟରତ ପିଇଓ ଆଧାତ୍ମିକା ଦାସଙ୍କୁ ବିଷ୍ଣୁପୁର ରୁ ତେସିଙ୍ଗ ପଞ୍ଚାୟତ ଦାଇତ୍ୱ, ପିଇଓ ବୈଦେହୀ ମୁଣ୍ଡାଙ୍କୁ ସରସଦା ରୁ ରାମଚନ୍ଦ୍ରପୁର ପଞ୍ଚାୟତ ଦାଇତ୍ୱ, ପିଇଓ ବିକ୍ରମ ସାହୁଙ୍କୁ ରାଜେନ୍ଦ୍ରପୁର ଓ ନିର୍ଗୁଣ୍ଡି ପଞ୍ଚାୟତ ଦାଇତ୍ୱ, ପିଇଓ ନରେନ୍ଦ୍ର କୁମାର ରାଉତଙ୍କୁ ବିଷ୍ଣୁପୁର ଓ ଜଳମଣ୍ଡୁଆ ପଞ୍ଚାୟତ ଦାଇତ୍ୱ, ପିଇଓ ପ୍ରମୋଦ କୁମାର ମିଶ୍ରଙ୍କୁ ବନ୍ଦାଳୋ-ମଡିଆଳି ଓ ପାଟୁଳି ପଞ୍ଚାୟତ ଦାଇତ୍ୱ ପାଇଁ ଆଦେଶ ହୋଇଛି । ସେହିପରି ପିଇଓ ଆଶୁତୋଷ ଜେନାଙ୍କୁ ପୂର୍ବଭଳି ସାନଶାସନ ପଞ୍ଚାୟତ ଓ ପିଇଓ ନାରାୟଣ ଚନ୍ଦ୍ର ପଣ୍ଡାଙ୍କୁ ମାଳଦା ପଞ୍ଚାୟତରେ ରଖାଯାଇଥିବା ବେଳେ ପିଇଓ ରବିନାରାୟଣ ପାତ୍ରଙ୍କ ବ୍ଲକ ବଦଳିକୁ ବାତିଲ କରାଯାଇ ପୂର୍ବଭଳି ଦକ୍ଷିଣବାଡ ଓ ନଗୁଆଁ ପଞ୍ଚାୟତ ଦାଇତ୍ୱ ପ୍ରଦାନ କରାଯାଇଥିବା ଜଣାଯାଇଛି ।

## ବଡନପଙ୍ଗରେ ଡକାୟତି ଘଟଣା, ଜଣେ କୋର୍ଟ ଚାଲାଣ

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବଡନପଙ୍ଗ ଗ୍ରାମର ମାଧବ ସେଠୀଙ୍କ ଘରୁ ବୁଧବାର ରାତ୍ର ୧୨ଟାରେ ଅଭିବନ ଧରଣର ହୋଇଥିବା ଡକାୟତି ଘଟଣାରେ ଜଣେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଅଟକ ଥିବା ଅନ୍ୟ ୨ ଜଣ ସନ୍ଦିଗ୍ଧଙ୍କୁ ପୁଲିସ ଗ୍ରାମବାସୀଙ୍କ ମୁଚାଲିକାରେ ଛାଡିଦେଇଛି। ଡକାୟତି ହୋଇଥିବା ଘର ମାଲିକ ମାଧବ ସେଠୀ ମାମଲାର ଅଭିଯୁକ୍ତ ଭାବେ ଦୀପକ ମହାପାତ୍ରଙ୍କ ନାମ ଅଭିଯୋଗରେ ଉଲ୍ଲେଖ କରିଥିଲେ। ଦୀପକକୁ ପୁଲିସ ଗୁରୁବାର ଠାରୁ ଅଟକ ରଖିଥିଲା ଶୁକ୍ରବାର ଆଉ ୨ ଜଣ ସନ୍ଦିଗ୍ଧଙ୍କୁ ପୁଲିସ ଥାନାକୁ ଆଣି ପଚରାଉଚରା କରୁଥିଲା। ଅନ୍ୟ ଡକାୟତମାନେ ଫେରାର ଥିବାରୁ ଘଟଣାରେ ସଂପୃକ୍ତ ଅନ୍ୟ କାହାରିକୁ ଗିରଫ କରାଯାଇ ପାରିନାହିଁ କି ଲୁଟ ଯାଇଥିବା ଅଳଙ୍କାର ଉଦ୍ଧାର ହୋଇପାରି ନାହିଁ। ଶନିବାର ଦୀପକକୁ କୋର୍ଟ ଚାଲାଣ କରିଛି ପୁଲିସ।

## ସଡ଼କ ଦୁର୍ଘଟଣା : ଦୁଇ ଗୁରୁତର

ବାହାନଗା,(ସବ୍ୟୁ) :ଖନ୍ତାପଡ଼ା ଥାନା ବଜାର ନିକଟରେ ଥିବା ରିନିଶ କିଚେନ ସମ୍ମୁଖରେ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଜେସିବିକୁ ଏକ ବାଇକ ଧକ୍କା ଦେଇଥିଲା। ଓଆର-୦୧ଭି-୪୧୬୭ନମ୍ବର ବାଇକରେ ଯାଉଥିବା ବାଲେଶ୍ୱରର ତପସ୍ୱୀ ଅଞ୍ଚଳର ରଞ୍ଜନ ବେହେରା (୪୦) ଓ ପିଡବ୍ଲ୍ୟୁଡି କଲୋନୀର ସୁଶାନ୍ତ ନାୟକ(୩୩) ପୂର୍ବରୁ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଜେସିବି ମେସିନରେ ବାଡେଇ ହୋଇ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକମାନେ ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଖନ୍ତାପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଖବର ଲେଖା ହେବା ବେଳକୁ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ନଥିବା ଦେଖିବାକୁ ମିଳିଛି।

## ମଦ ଜବତ: ୩ ଗିରଫ

ଖଇରା, (ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୮୦ଲିଟର ଦେଶୀ ମଦ ଜବତ କରାଯିବା ସହ ୩ଜଣ ବିକ୍ରେତା କୁ କୋର୍ଟ ଚାଲାଣ କରାଯାଇଛି । ଏଥିସହ ଏକ ବାଇକ ଜବତ କରାଯାଇଛି । ଗିରଫ ହୋଇଥିବା ବ୍ୟକ୍ତି ମାନେ ହେଲେ ବେତଡା ଗ୍ରାମର ଯଦୁନାଥ ବେହେରା,ଜାମୁଝାଡି ଗ୍ରାମର ରମେଶ ଚନ୍ଦ୍ର ଜେନା ଓ କୁପାରୀ ଗ୍ରାମର ମୁକୁରୁ ନାୟକ । ଉକ୍ତ ଚଢାଉରେ ଖଇରା ଅବକାରୀ ଥାନା ଅଧିକାରୀ ସୁରଜ କୁମାର ଟିଗା,ଏଏସଆଇ ଦୁର୍ଯ୍ୟୋଧନ ବେହେରା ଓ ଦିପିକା ପରିଡା,କନେଷ୍ଟବଳ ଦେବାସିଷ ମଲ୍ଲିକ ପ୍ରମୁଖ ସାମିଲ ଥିଲେ ।

## ଜାତୀୟସ୍ତରୀୟ ବାଣିଜ୍ୟ ମେଳା ଉଦ୍‌ଘାଟିତ

ଭଦ୍ରକ, (ସବ୍ୟୁ): ବହୁ ପ୍ରୀତିକ୍ଷିତ ଜାତୀୟସ୍ତରୀୟ ଭଦ୍ରକ ବାଣିଜ୍ୟମେଳା ଆଜି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆରେ ଉଦ୍ଘାଟିତ ହୋଇଛି। ଭଦ୍ରକ ପୌରପାଳିକାର ଅଧକ୍ଷା ଗୁଲମକ୍କୀ ଦଲାଓ୍ୱାଜି ହବିବ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଉଦ୍ଘାଟନ କରି ନିଜ ସମ୍ଭାଷଣରେ ଏଭଳି ଜାତୀୟସ୍ତରୀୟ ବାଣିଜ୍ୟ ମେଳା ପାଇଁ ମେଳାର ଆୟୋଜକ ଏବଂ ଓସ୍‌ମେ ର ସମସ୍ତ କର୍ମକର୍ତାଙ୍କ ମହତ୍ ଉଦ୍ଦେଶ୍ୟର ଭୂୟସୀ ପ୍ରଶଂସା କରିଥିଲେ। ବାହାର ରାଜ୍ୟରୁ ଆସିଥିବା ବିଭିନ ପଦାର୍ଥ, କ୍ଷୁଦ୍ର, ଅତି କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଦ୍ୟୋଗୀମାନଙ୍କର ଉତ୍ପାଦିତ ପଦାର୍ଥ ଭଦ୍ରକ ଜିଲାବାସୀ ନିଶ୍ଚିତ ଭାବେ ଦେଖି ସେଗୁଡିକର ଉତ୍ପାଦନ ଆମ ଜିଲାରେ କିଭଳି ହୋଇପାରିବ, ସେ ସଂପର୍କରେ ଚେଷ୍ଟିତ ହେବେ ବୋଲି କହିଥିଲେ। ଏବଂ ଭଦ୍ରକ ଜିଲାର କଳା ସାହିତ୍ୟ ଓ ସଂସ୍କୃତିକୁ ବିଭିନ ରାଜ୍ୟରୁ ଆସିଥିବା ବ୍ୟବସାୟୀମାନେ ଯେଭଳି ଅନୁଭବ କରିବେ ସେ ଦିଗରେ ଆୟୋଜକମାନଙ୍କର ସହଯୋଗ କାମନା କରିଥିଲେ। ଅନ୍ୟତମ ଅତିଥି ଭାବେ ଭଦ୍ରକର ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ ଯୋଗଦେଇ ଆମ ଦେଶରେ କୃଷି ପରେ ଶିଳ୍ପ ଓ ୩ୟରେ ଚାକିରୀ, ଲୋକମାନଙ୍କର ଆୟର ମୁଖ୍ୟ ମାଧ୍ୟମ ହୋଇଥିବାବେଳେ ଏଭଳି ମେଳା ନିଶ୍ଚିତ ଭାବେ ଭଦ୍ରକବାସୀଙ୍କ ପାଇଁ ଏକ ନୂତନ ଆଶାର ସଂଚା କରିବ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏବଂ ଏ ଦିଗରେ ଆଜିର ଯୁବପିଢି ଚେଷ୍ଟିତ ହେବାକୁ ଆହ୍ୱାନ ଦେଇଥିଲେ। ମେଳାର ସଂଯୋଜକ ଦେବୀପ୍ରସାଦ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଉଦ୍ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ସୂର୍ଯ୍ୟକାନ୍ତ ବେହେରା, ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ଡ. ଦୁର୍ଗାଶଙ୍କର ଦାଶ, ଓସ୍‌ମେ, ଭଦ୍ରକ ବାଣିଜ୍ୟ ମେଳାର ଅଧକ୍ଷ ଏବଂ ଓସ୍‌ମେ ର ସଂପାଦକ ସୁଶାନ୍ତ କୁମାର ନାୟକ, ଭଦ୍ରକର ସଭାପତି ସୁରଜ କୁମାର ସାହୁ, ଭଦ୍ରକ ବାଣିଜ୍ୟ ମେଳାର ଆବାହକ ମନୋଜ ରାୟ, ପାର୍ଟନ ବସନ୍ତ କୁମାର ରାଉତ ପ୍ରମୁଖ ଯୋଗଦେଇ ଏହାର ସଫଳତା କାମନା କରିଥିଲେ। ଏହି ଅବସରରେ ଭଦ୍ରକର ଚା' ଦୋକାନୀ ସୁମତୀ ଦାସ, ବିନାୟକ ଗ୍ରୁପର ମନୋଜ କୁମାର ପାଢୀ, ସଂଗୀତଜ୍ଞ ସୁବାଷ ରାମ, ସଫଳ ଉଦ୍ୟୋଗୀ ପ୍ରଫୁଲ୍ଲ ମଣ୍ଡଳ, ଶିକ୍ଷାବିତ୍ ଏବଂ ସମାଜସେବୀ ନରେନ୍ଦ୍ର ସାହୁଙ୍କୁ ଉପଢୌକନ ଏବଂ ମାନପତ୍ର ଦେଇ ବାଣିଜ୍ୟ ମେଳା ଓ ଓସ୍‌ମେ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ବାର୍ଷିକ ଖଣି ସୁରକ୍ଷା ସପ୍ତାହ ପ୍ରି-ଫାଇନାଲ ଦିବସ

## ଟାଟା ଷ୍ଟିଲ ଖଣି ସମୂହକୁ ୩୮ ପୁରସ୍କାର




କେନ୍ଦୁଝର (ରବିରାଜ ):୪୨ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ- ୨୦୨୪ ଉତ୍ସବ ର ପ୍ରି- ଫାଇନାଲ ଦିବସ ଶନିବାର ସ୍ଥାନୀୟ କେନ୍ଦ୍ରୀୟ ଖେଳ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଡିରେକ୍ଟୋରେଟ ଜେନେରାଲ ଅଫ ମାଇନ୍ସ ସେଫଟି (ଡି ଜି ଏମ୍ ଏସ୍) ଭୁବନେଶ୍ୱର ରିଜିଓନ-୧ ଆନୁକୁଲ୍ୟରେ ଆୟୋଜିତ ଏହି ଉତ୍ସବରେ ଟାଟା ଷ୍ଟିଲ ଖଣି ସମୂହ ବିଭିନ୍ନ ବିଭାଗ ରେ ସମୁଦାୟ ୩୮ ଗୋଟି ପୁରସ୍କାର ଲାଭ କରିଛି । ଟାଟା ଷ୍ଟିଲ ର ଯୋଡା ଇଷ୍ଟ ଲୌହ ଖଣି, କଉଁଟାମାଟି ଲୌହ ଖଣି ଏବଂ ଯୋଡା ୱେଷ୍ଟ ଖଣି କୁ ପ୍ରତ୍ୟେକ ଚାରି ଗୋଟି ଲେଖାଏଁ ପୁରସ୍କାର ମିଳିଥିବା ବେଳେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଖଣ୍ଡବନ୍ଧ ଖଣି ତିନିଗୋଟି ପୁରସ୍କାର ହାସଲ କରିଛି । ସେହିପରି ଟାଟା ଷ୍ଟିଲ ର ତିରିଙ୍ଗପାହାଡ଼, କମର୍ଦ୍ଦୀ ଏବଂ ସାରୁଅବିଲ ଖଣି କୁ ପ୍ରତ୍ୟେକ ଛଅ ଗୋଟି ଲେଖାଏଁ ପୁରସ୍କାର ମିଳିଛି ।

ଅନୁରୂପ ଭାବେ, ଟାଟା ଷ୍ଟିଲ ର ବାମେବାରି ଖଣି କୁ ଚାରି ଗୋଟି ପୁରସ୍କାର ମିଳିଛି । ଏଠାରେ ସୂଚନାଯୋଗ୍ୟ ଯେ, ଅ-୧ ବିଭାଗ ରେ ଯୋଡା ଇଷ୍ଟ ଖଣି, କଉଁଟାମାଟି ଏବଂ ଖଣ୍ଡବନ୍ଧ ଖଣି କୁ କ୍ରମାନୁସାରେ ଇଲେକ୍ଟ୍ରିକାଲ୍ ମେଣ୍ଟେନେନ୍ସ ପାଇଁ ପ୍ରଥମ ପୁରସ୍କାର, ଜେନେରାଲ ୱାର୍କ ପାଇଁ ପ୍ରଥମ ପୁରସ୍କାର ଏବଂ ଦ୍ୱିତୀୟ ପୁରସ୍କାର ମିଳିଛି । ଏହି ଉତ୍ସବରେ ଭୁବନେଶ୍ୱର ରିଜିଓନ-୧ ର ଡିରେକ୍ଟର ଅଫ ମାଇନ୍ସ ସେଫଟି (ଡି ଏମ୍ ଏସ୍) କ୍ରିଶ୍ନେନ୍ଦୁ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜୟଦେବ ଚଟ୍ଟପାଧ୍ୟାୟ (ସେଲ), ପ୍ରମୋଦ କୁମାର ପାତ୍ର (ଜେ ଏସ୍ ପି), ଡି ଏନ୍ ପରିଡା (କାଶଭି ଇଣ୍ଟରନ୍ୟାସନାଲ), ରାମ ଶଙ୍କର ଶର୍ମାଓ (ଜେ ଏସ୍ ଡବ୍ଲ୍ୟୁ), ଏବଂ ଟାଟା ଷ୍ଟିଲ ପକ୍ଷରୁ ଅତୁଲ କୁମାର ଭଟନଗର, ରାଜେଶ କୁମାର, ଜି ଭି ସତ୍ୟ ନାରାୟଣ, ଡି ବିଜୟାନ୍ଦ୍ର, ଅବନିଶ କୁମାର ଏବଂ, ଇଉନିୟନ୍ ର ପଦାଧିକାରୀ ଗଣ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ଉତ୍ସବରେ ଭୁବନେଶ୍ୱର ରିଜିଓନ-୧ ରେ ଥିବା ୬୩ ଟି ଖଣି ଗୁଡିକ ସମୁଦାୟ ୧୯୨ ଗୋଟି ପୁରସ୍କାର ଲାଭ କରିଥିଲେ। ପୁରସ୍କାର ବିତରଣ ଉତ୍ସବ ପୂର୍ବରୁ ବିଭିନ୍ନ ଖଣି ପକ୍ଷରୁ ସାଧାରଣଜ୍ଞାନ ଏବଂ ଫାଷ୍ଟ ଏଡ଼ ପ୍ରତିଯୋଗିତା ହୋଇଥିଲା। ଏଥିସହିତ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ନୃତ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ବୈଶିଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା

ବେତନଟୀ ,(ସବ୍ୟୁ) : ବୈଶିଙ୍ଗା ଉପକଣ୍ଠ ବରଦା ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୨୩ ତମ ଦ୍ୱିଦିବସୀୟ ବାର୍ଷିକ କ୍ରୀଡା ଶନିବାର ଉଦଯାପିତ ହୋଇଯାଇଛ। ବୈଶିଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ପ୍ରଧାନ ଆଚାର୍ଯ୍ୟା କଳ୍ପଲତା ହାଜରାଙ୍କ ପୌରହିତ୍ୟରେ ଶୁକ୍ରବାର ଅନୁଷ୍ଠିତ ହୋଇଥିବା ଏହି ଦ୍ୱିଦିବସୀୟ ବାର୍ଷିକ କ୍ରୀଡାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୈଶିଙ୍ଗା ଥାନାଧିକାରୀ ତପନ କୁମାର ପ୍ରଧାନ ଏବଂ ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ କ୍ରୀଡ଼ା ଶିକ୍ଷକ କାର୍ତ୍ତିକ ସାମଲ ଯୋଗ ଦେଇଥିଲେ ।ଅତିଥି ମାନଙ୍କ ସହ ପରିଚାଳନା କମିଟିର ସମସ୍ତ ସଦସ୍ୟ, ଗୁରୁଜୀ , ଗୁରୁମା ଙ୍କ ଉପସ୍ଥିତିରେ ପୂର୍ବ ବର୍ଷର ବାର୍ଷିକ କ୍ରୀଡାର ଚମ୍ପିୟାନ ସୁଶ୍ରୀ ପଦ୍ମିନୀ ବେଶ୍ରା ସମସ୍ତଙ୍କୁ ବାର୍ଷିକ କ୍ରୀଡା ନିୟମାବଳୀ ସମ୍ପର୍କରେ ଶପଥ ପାଠ କରାଇଥିଲେ।

ଉକ୍ତ ଦ୍ୱିଦିବସୀୟ କ୍ରୀଡାକୁ ନେଇ ୫ଟି ବର୍ଗ ଶିଶୁ ବାଟିକା ବିଭାଗ, ସ୍ୱତନ୍ତ୍ର ବର୍ଗ, ଶିଶୁ ବର୍ଗ, ବାଲ୍ ବର୍ଗ, କିଶୋର ବର୍ଗରେ ମୋଟ ୪୦୦ ଶିଶୁ ଭାଇ ଭଉଣୀ ଭାଗ ନେଇଥିଲେ । ଶନିବାର ଉଦଯାପନୀ ଉତ୍ସବରେ ପରିଚାଳନା କମିଟି ସମ୍ପାଦକ ସତ୍ୟପ୍ରକାଶ ପ୍ରଧାନ ଏବଂ ଉପଦେଷ୍ଟା ଶୈଳେନ୍ଦ୍ର କୁମାର ପଣ୍ଡା ଯୋଗ ଦେଇ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଭାଇ ଭଉଣୀଙ୍କୁ ମେଡାଲ ସହିତ ପ୍ରମାଣ ପତ୍ର ପ୍ରଦାନ କରିଥିଲେ।ଉକ୍ତ ଦ୍ୱିଦିବସୀୟ ବାର୍ଷିକ କ୍ରୀଡା କୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ପରିଚାଳନାରେ ସହଯୋଗ କରିଥିବା ବେଳେ ଖେଳ ପ୍ରମୁଖ ଲକ୍ଷ୍ମୀଧର ମହାନ୍ତ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

ବାଲେଶ୍ୱର, (ସବ୍ୟୁ) : ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଗୁରୁବାର ପୂର୍ବାହ୍ନ ରେ ସ୍ଥାନୀୟ ସଦ୍ଭାବନା ଗୃହଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଅନସୂୟା ପ୍ରଧାନ, ବିଧାୟକ ବାଲେଶ୍ୱର ସଦରଙ୍କ ପ୍ରତିନିଧି ରବି ନାରାୟଣ ମହାପାତ୍ର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲକ୍ଷ୍ମଣ ମୁର୍ମୁ, ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର, ବାଲିଆପାଳ ଡ଼ଃ ସ୍ୱାଗତିକା ସାହୁ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱ ମୃତ୍ତିକା ଦିବସର ତାତ୍ପର୍ଯ୍ୟ, ମୃତ୍ତିକା ପରୀକ୍ଷାର ଆବଶ୍ୟକତା, ବିଭିନ୍ନ କାରଣରୁ ମାଟିର ପ୍ରଦୁଷଣ ଓ ମାଟି ମାଆର ଯତ୍ନ ଉପରେ ଆଲୋଚନା କରାଯାଇଥିଲା । ଜିଲ୍ଲା ପରିଷଦର ଅଧକ୍ଷ ନାରାୟଣ ପ୍ରଧାନ କୃଷି ପାଇଁ ଜୈବିକ କୃଷିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ମୃତ୍ତିକା ପରୀକ୍ଷା ଉପରେ ଗୁରୁତ୍ୱ ଦେଇ ସେ ଜିଲ୍ଲାରେ କାର୍ଯ୍ୟ କରୁଥିବା ମୃତ୍ତିକା ପରୀକ୍ଷାଗାର, ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର ଓ ବ୍ଲକସ୍ତରରେ ମୃତ୍ତିକା ପରୀକ୍ଷା ଓ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ସମ୍ପର୍କରେ ସୂଚନା ଦେଇଥିଲେ ।

ପ୍ଲାଷ୍ଟିକ୍ ଓ ପଲିଥିନ୍ ର କମ୍ ବ୍ୟବହାର ଏବଂ ସାମ୍ପ୍ରତିକ ପରିସ୍ଥିତିରେ ଚାଷର ପ୍ରାକୃତିକ ଧାରା ଓ ଜୈବିକ ଚାଷ ଉପରେ ଅଧିକ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ଉପରେ ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଅନସୂୟା ପ୍ରଧାନ ବାର୍ତ୍ତା ପ୍ରଦାନ କରିଥିଲେ। ଏଠାରେ ସୂଚନା ଥାଉ କି, ବିଶ୍ୱ ମୃତ୍ତିକା ଦିବସ ଉପଲକ୍ଷେ ବିଦ୍ୟାଳୟ ସ୍ତରରେ ଆୟୋଜିତ ପୋଷ୍ଟର ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଅଗ୍ରଣୀ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯାଇଥିଲା । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲକ୍ଷ୍ମଣ ମୁର୍ମୁ ସ୍ୱାଗତ ଭାଷଣ ଦେଇଥିଲେ । ସହକାରୀ କୃଷି ନିର୍ଦ୍ଦେଶକ ତଥା ମୃତ୍ତିକା ରସାୟନବିତ୍ ସମୁଚୟ ବେହେରା ଓ ଜିଲ୍ଲା କୃଷି ବିଭାଗର ଅଧିକାରୀ ଓ କର୍ମକର୍ତ୍ତା। କାର୍ଯ୍ୟକ୍ରମ ପରିଚାଳନରେ ପ୍ରମୁଖ ସହଯୋଗ କରିଥିଲେ।

## ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ପରଲୋକ

ସିମୁଲିଆ, (ସବ୍ୟୁ) : ବାଉରିପଦା ପଞ୍ଚାୟତର ପ୍ରଥମ ସରପଞ୍ଚଙ୍କର ଦେହାନ୍ତ ରାଜନୀତି କ୍ଷେତ୍ରର ଗୋଟିଏ ଯୁଗର ଅବସାନ ଘଟିଲା । ମଙ୍ଗଳବାର ରାତି ୨ଟା ବେଳେ ସମସ୍ତଙ୍କୁ ପରକରି,୯୭ ବର୍ଷ ବୟସରେ ଆରପାରିକୁ ଚାଲିଗଲେ ବାଉରୀପଦା ପଞ୍ଚାୟତର ପ୍ରଥମ ସରପଞ୍ଚ କୃଷ୍ଣଚନ୍ଦ୍ର ମହାନ୍ତି। ୧୯୯୨ରୁ୧୯୯୭ମସିହାରେ ପଞ୍ଚାୟତର ସରପଞ୍ଚ ଏବଂ ଜଣେ ଅଦ୍ୱିତୀୟ ନେତା, ଆଗଧାଡିର ସକ୍ରିୟ ରାଜନୈତିକ ସଂଗଠକ, ପରୋପକାରୀ ବ୍ୟକ୍ତି ,ଜଣେ ସର୍ବମାନ୍ୟ ନେତା ଭାବେ ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ବାର୍ଦ୍ଧକ୍ୟଜନିତ ରୋଗରେ ସେ କିଛିଦିନ ହେବ ପୀଡିତ ଥିଲେ। ତାଙ୍କ ମୃତ୍ୟୁରେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବାଉରୀପଦା ପଞ୍ଚାୟତର ସମିତି ସଭ୍ୟ ଗଜେନ୍ଦ୍ର ସେଠୀ, ସରପଞ୍ଚ ଧରଣୀଧର ନାୟକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ତାଙ୍କ ମୃତ୍ୟରେ ବାଉରୀପଦା ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।

## ତୁରୁମୁଙ୍ଗା ଥାନାରେ ଡିଆଇଜି, ଏସ୍‌ପି

ପାଟଣା, (ସବ୍ୟୁ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ଥାନା କୁ ପରିଦର୍ଶନ ପାଇଁ ରାଉରକେଲା ଡ଼ି ଆଇ ଜି ବ୍ରିଜେଶ କୁମାର ରାୟ ଓ କେନ୍ଦୁଝର ଏସ ପି ନିତିନ କୁଶଳ କର ପହଞ୍ଚି ତୁରୁମୁଙ୍ଗା ଥାନା ଅଞ୍ଚଳର ଲୋକମାନଙ୍କ ସମସ୍ୟା ବୁଝିବା ସହ ଥାନା ପରିଦର୍ଶନ କରିଥିଲେ।ତୁରୁମୁଙ୍ଗା ଥାନା ପରିଦର୍ଶନରେ ଚମ୍ପୁଆ ଏସ ଡ଼ି ପି ଓ ସହିତ ତୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି ସହିତ ତୁରୁମୁଙ୍ଗା ଥାନା ର ଅନେକ ଅଧିକାରୀ ସାହାଯ୍ୟ କରି ଥିଲେ। ତୁରୁମୁଙ୍ଗା ଥାନା ଅନ୍ତର୍ଗତ ସରପଞ୍ଚ ଓ ସଭ୍ୟମାନଙ୍କ ସହିତ ସାଧାରଣ ଜନତା ଯୋଗ ଦାନ ଦେଇ ତାଙ୍କର ଅଭିଯୋଗ କରି ଥିଲେ ଯେପରିକି ମଦ ସମସ୍ୟା ଟ୍ରାଫିକ ସମସ୍ୟା ପୋଲିସ ମାନଙ୍କ ବ୍ୟବହାରକୁ ନେଇ ଅଭିଯୋଗ କରିଥିଲେ। ଜାତୀୟ ରାଜପଥ ରେ ଦୁର୍ଘଟଣା ଯୋଗୁଁ ଅନେକ ପରିବାର ନଷ୍ଟ ହେଉଥିବା ବେଳେ କେନ୍ଦୁଝର ଜିଲ୍ଲାର ଡ଼ି ଏମ ଏଫ ଫାଣ୍ଡ ଅନ୍ୟ ଜିଲ୍ଲାରେ ଖର୍ଚ୍ଚ ହେଉଥିବା ବେଳେ କେନ୍ଦୁଝର ଜିଲ୍ଲାର ଉନ୍ନତିରେ ବାଧା ପ୍ରାପ୍ତ ହେଉଛି ନେଇଁ ବୈଠକରେ ସାଧାରଣ ଜନତା ମତ ବ୍ୟକ୍ତ କରିଥିଲେ।

## ପୋଲିସର ହାର୍ଡ ୱାର୍କ ଦେଖି ଧଳା ଜହର ବେପାରୀ ଛାନିଆ

ଭଦ୍ରକ,(ସବ୍ୟୁ):କିଛି ଦିନର ବ୍ୟବଧାନ ପରେ ପୁଣି ସତେଜ ହୋଇଛନ୍ତି ଧଳାଜହର ବେପାରୀ। ଗତକାଲି ଅପରାହ୍ନରେ ବିଶେଷ ସୂତ୍ରରୁ ଖବର ପାଇ ଭଦ୍ରକ ଗ୍ରାମାଂଚଳ ପୋଲିସ ଏକ ସ୍ୱତନ୍ତ୍ର ଟିମ ଚରମ୍ପା ବୋଉଳପୋଖରୀରୁ ଝାଟିଆ ଆଡ଼କୁ ହୋଣ୍ଡା ସାଇନ ବାଇକରେ ଜଣେ ଯୁବକ ଆସୁଥିବାବେଳେ ସନ୍ଦେହରେ ସନ୍ଦେହରେ ଗ୍ରାମାଂଚଳ ପୋଲିସ ଅଟକାଇବାରୁ ଯୁବକ ନିକଟରୁ ୪୧ଗ୍ରାମର ବ୍ରାଉନସୁଗାର ଜବତ କରିଥିଲା ପୋଲିସ ଯାହାର ମୂଲ୍ୟ ପାଖାପାଖି ୪ଲକ୍ଷ ଟଙ୍କା ହେବ ବୋଲି ଆଜି ଗ୍ରାମାଂଚଳ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କହିଛନ୍ତି। ତେବେ ସମ୍ପୃକ୍ତ ଯୁବକ ହେଉଛନ୍ତି ଆଗରପଡା ଥାନା ଅଧୀନ କୁଆଁସମଡିଆ ଅଂଚଳର ସ୍ୱର୍ଗତ ଟୁରା ଦାସଙ୍କ ପୁଅ ୪୪ବର୍ଷ ବୟସ୍କ ଶିବଶଙ୍କର ଦାସ ବୋଲି ସୂଚନା ଦେଇଛି ପୋଲିସ ଏବଂ ତାହା ସହିତ ଗୋଟେ ହୋଣ୍ଡା ସାଇନ ବାଇକ ଯାହାର ନମ୍ବର ଓଡି-୨୨-ଏମ-୩୩୮୧,ଗୋଟେ ଭିଭୋ ମୋବାଇଲକୁ ମଧ୍ୟ ଜବତ କରିଛି ପୋଲିସ। ଯଦି ଏଭଳି କିଛି ଲୋକଙ୍କ ଉପରେ ସନ୍ଦେହ ହେଉଛି ତେବେ ବିନା ଦ୍ୱିଧାରେ ପୋଲିସକୁ ଖବର ଦେବା ପାଇଁ ମଧ୍ୟ ଅନୁରୋଧ କରିଛନ୍ତି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ। ତେବେ ଗିରଫ ଯୁବକ ଜଣଙ୍କୁ କୋର୍ଟ ଚାଲାଣ କରାଯିବା ନେଇ ମଧ୍ୟ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀଅଧିକ୍ଷକଙ୍କ ସହ ଥାନାଧିକାରୀ ଉପସ୍ଥିତ ଥିଲେ।

## ସାମାଜିକ ଗଣମାଧ୍ୟମ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, (ସବ୍ୟୁ): ଜିଲ୍ଲା ପ୍ରଶାସନ ଓ ସୋସାଇଟ୍ ଫର ଉଇକର କମ୍ୟୁନିଟ୍ (ଆସିଆନା)ର ମିଳିତ ଆନୁକୁଲ୍ୟରେ ଶଙ୍କରପୁର ପୁରୁଣାବଜାରସ୍ଥିତ ଶକ୍ତି ସଦନ ସଭାଗୃହରେ ସଂପାଦିକା ସୋଫିଆ ସେକ୍ ସମ୍ପାଦନାରେ ସାମାଜିକ ଗଣମାଧ୍ୟମ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ରାଧାରାଣୀ ମହାପାତ୍ର, ମୁଖ୍ୟବକ୍ତା ଭାବେ ଡ଼ିସିଆରବି ଇନିସିପେକ୍ଟର ବନ୍ଦନା ଦେବୀ, ଅନ୍ୟତମ ଅତିଥିଭାବେ ୱାନ୍‌ଷ୍ଟପ୍ ସେଣ୍ଟର ସଂଯୋଜିକା ପୁଷ୍ପଲତା ବେହେରା ଯୋଗଦାନ କରି ସାମାଜିକ ଗଣମାଧ୍ୟମର ସୁରକ୍ଷିତ ବ୍ୟବହାର, ଜରୁରୀକାଳୀନ ହେଲପ୍‌ଲାଇନ୍ ନମ୍ବର ଏବଂ ସି.ବକ୍ସ ପୋର୍ଟାଲ ଉପରେ ଆଧାରିତ ବିଭିନ୍ନ ଆଇନଗତ ଦିଗ ସମ୍ବନ୍ଧରେ ବିସ୍ତୃତଭାବେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଭଦ୍ରକ ପୌରପାଳିକାର ୧୪ନମ୍ବର ୱାର୍ଡ଼ରୁ ୩୦ନମ୍ବର ୱାର୍ଡ଼ର ଅଙ୍ଗନୱାଡ଼ୀ କର୍ମୀ, ଆଶିଆନା ଶକ୍ତି ସଦନ ଏବଂ କଲେଜ ଓ ସ୍କୁଲଛାତ୍ରୀମାନେ ଯୋଗଦାନ କରିଥିଲେ । ସୁପରିଟେଣ୍ଡେଣ୍ଟ ସବାନା ସେକ୍ ଲିଙ୍ଗ ଭିତ୍ତିକ ହିଂସା ବିରୋଧ ଅଭିଯାନର ନବମ ଦିନରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ।

ଏହି କାର୍ଯ୍ୟକ୍ରମକୁ ଆସିଆନାର ସଂଯୋଜକ ରିଆଜ ଅହମଦ୍ ପରିଚାଳନା କରିଥିବା ବେଳେ ବହୁମୁଖୀ କର୍ମକର୍ତ୍ତା ରୁବିନା ନାୟକ, ସିଲେଇ ଶିକ୍ଷୟିତ୍ରୀ କ୍ରିଷ୍ଣା ବେହେରା ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଶକ୍ତି ସଦନର ପରାମର୍ଶଦାତ୍ରୀ ଅନୀମା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଓୟୁଜେ ପକ୍ଷରୁ ସାମ୍ବାଦିକଙ୍କ ସୁରକ୍ଷା ଦାବି



ବାଲେଶ୍ୱର, (ସବ୍ୟୁ) : ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ,ଡିଜିଟାଲ ଆରେଷ୍ଟ ଓ ସାମ୍ବାଦିକ ମାନଙ୍କ ସୁରକ୍ଷା ପ୍ରସଙ୍ଗରେ ବିସ୍ତୃତ ଭାବେ ଜିଲ୍ଲା ଏସପି ରାଜ ପ୍ରସାଦଙ୍କ ସହ ଆଲୋଚନା କରାଯାଇଥିଲା ।

ଏହି ଅବସରରେ ସଂଘର ମୁଖପତ୍ର ଆହ୍ୱାନ କୁ ଏସପି ରାଜ ପ୍ରସାଦଙ୍କୁ ପ୍ରଦାନ କରାଯାଇଥିଲା । ଡିଜିଟାଲ ଅପରାଧ ସମ୍ପର୍କରେ ଓୟୁଜେ ପକ୍ଷରୁ ପୂର୍ବରୁ ଏକାଧିକ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ଜିଲ୍ଲାର ଖଇରା,ଜଳେଶ୍ୱର ଓ ବାଲେଶ୍ୱର ଠାରେ କରାଯାଉଥିବା ଏସ ପି ଙ୍କୁ ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ସଙ୍ଘ ପକ୍ଷରୁ ଏଭଳି ମହତ କାର୍ଯ୍ୟକୁ ଏସ ପି ଶ୍ରୀ ପ୍ରସାଦ ପ୍ରଶଂସା କରିଥିଲେ ।ଏକ ଦାୟିତ୍ୱ ସମ୍ପନ୍ନ ସାମ୍ବାଦିକ ସଂଗଠନ ଭାବେ ଏହି କାର୍ଯ୍ୟ ଓୟୁଜେ କରୁଥିବାରୁ ସେ ସମସ୍ତ ସଦସ୍ୟଙ୍କ ମିଳିତ ସହଯୋଗକୁ ଧନ୍ୟବାଦ ଜଣାଇଥିଲେ । ପୂର୍ବରୁ ସଂଘର ଦ୍ୱି ବାର୍ଷିକ ସମ୍ମିଳନୀର ଆୟବ୍ୟୟ ହିସାବ,ଓୟୁଜେ ର ପ୍ରତିଷ୍ଠା ଦିବସ ରେ ଯୋଗଦାନ, ସଂଘର ସଦସ୍ୟତା ସଂଗ୍ରହର ଅଗ୍ରଗତି, ଜଗନ୍ନାଥ ଦର୍ଶନ, ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ।

ଜିଲ୍ଲା ଶାଖାର ସଭାପତି ଗଙ୍ଗାଧର ରାଉତ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା, ସଂଗଠନ ସଂପାଦକ ରବୀନ୍ଦ୍ର କୁମାର ମହାକୁଡ଼, କୋଷାଧକ୍ଷ ସୁରେଶ ଚନ୍ଦ୍ର ଦାସ, ବରିଷ୍ଠ ଉପସଭାପତି ଉତ୍କଳ ବନ୍ଧୁ ପଣ୍ଡା, ଅରୂପ ଦାସ, ସୋମନାଥ ସାହୁ,ନୀଳାମ୍ବର ପଣ୍ଡା,ବିଶ୍ୱରଂଜନ ମହାପାତ୍ର,କହ୍ନେଇ ଚରଣ ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଗୁରୁ ଗିରିଶ ଚନ୍ଦ୍ରଙ୍କ ଜନ୍ମ ଶତବାର୍ଷିକୀ




ଠାକୁରମୁଣ୍ଡା ,(ସବ୍ୟୁ) : ଆଦର୍ଶ ଗୁରୁ ଗିରିଶ ଚନ୍ଦ୍ର ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ମହାସମାରୋହରେ ପାଳିତ ହୋଇଯାଇଛି । ଠାକୁରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଅରବିନ୍ଦ ବେହେରା, ଗିରିଶ ପଟ୍ଟନାୟକଙ୍କୁ ଓଡିଶା ଯେଉଁ ସମ୍ମାନ ଦେବା କଥା ଦେଇପାରିନି ବୋଲି ଅଭିହିତ କରି କ୍ଷୋଭ ପ୍ରକାଶ କରିଥିଲେ ।କୁଶଳଦାରେ ଗିରିଶ ପଟ୍ଟନାୟକ ଥିବା ବେଳର ଅନୁଭୂତି ବର୍ଣ୍ଣନା କରିବା ସହିତ କିପରି ସାରା ଓଡିଶାରେ ବହୁ ଛାତ୍ରଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ ସେକଥା କହିଥିଲେ । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ନାସିର ଅଲ୍ଲୀ ଯୋଗଦେଇ ନଷ୍ଟ ବାଳକରୁ ପ୍ରତିଷ୍ଠିତ ମଣିଷ କରି ଗଢି ତୋଳିବାରେ ସେ ନିଜେ ଉଦାହରଣ ବୋଲି କହିବା ସହିତ ଗିରିଶ ସାରଙ୍କ ଅସାଧାରଣ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ । ସେ ନିଜର ୬୯ ବର୍ଷ ଜୀବନରେ ଗିରିଶ ପଟ୍ଟନାୟକଙ୍କ ସମକକ୍ଷ ଜଣେ ଶିକ୍ଷକ ଦେଖିବାର ସୁଯୋଗ ପାଇନାହାନ୍ତି ବୋଲି କହିଥିଲେ। ବସନ୍ତ କୁମାର ପଇର୍ବର୍ତ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ପ୍ରାଧାପିକା ନମିତା ପଟ୍ଟନାୟକ ଏବଂ ଶିକ୍ଷକ ଜଗନ୍ନାଥ ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷକ କ୍ୟାରିଅର ଗଢିବାରେ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରନ୍ତୁ ବୋଲି ମତ ରଖିଥିଲେ। ଶରତ କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବାବେଳେ ମଳୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଠାକୁରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସଭାରେ ଡ଼ଃ. ହରିଶ ଚନ୍ଦ୍ର ବାରିକ, ଶଶୀଧର ବାରିକ, ତ୍ରିଲୋଚନ ଦାସ ପ୍ରମୁଖ ସାରଙ୍କ ସ୍ମୃତି ଚାରଣ କରିଥିଲେ । ପୂର୍ବାହ୍ନରେ ଛାତ୍ର ଛାତ୍ରୀଙ୍କୁ ନେଇ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସଭାରେ ପ୍ରମାଣପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ବହୁ ପୁରାତନ ଛାତ୍ର ଛାତ୍ରୀ ସମାରୋହରେ ଅଂଶଗ୍ରହଣ କରିଥିଲେ ।

